# ମହାପ୍ରଭୁ ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର : ଗଡ଼ କୁଜଙ୍ଗ

ଡକ୍ଟର ସରୋଜିନୀ ପାଣି

ଆସିଷ୍ଟାଣ୍ଟ୍ ପ୍ରଫେସର, ଓଡ଼ିଆ ଭାଷା ସାହିତ୍ୟ ବିଭାଗ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

**E-Mail:** sarojini.pani@gmail.com

**Reviewed by:** ପ୍ରଫେସର ଦେବାଶିଷ ପାତ୍ର

| Submission Date: | Publication Date: |
| --- | --- |
| 08-05-2025 | 14-07-2025 |

**Article No:** BB-I-III-2025-03

**ସଂକ୍ଷିପ୍ତସାର :**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବ୍ରହ୍ମର ଅବସ୍ଥାନ ହୋଇଥିଲା ବିସର ମହାନ୍ତି ଦ୍ୱାରା ଗଡ଼କୁଜଙ୍ଗରେ। ମାଦଳାପାଞ୍ଜିରେ ଏହା ଉଲ୍ଲେଖିତ। ଭକ୍ତର ଅଧୀନ ଭଗବାନ ଓ ଲୀଳାକ୍ଷେତ୍ରର ସ୍ୱତନ୍ତ୍ରତା ଅନନ୍ୟ। ଏହା ଶ୍ରୀଜଗନ୍ନାଥ ସଂସ୍କୃତିର ଇତିହାସ ପୃଷ୍ଠାରେ ଚିର ସ୍ମରଣୀୟ। ଏଠାକାର ଧାର୍ମିକ ଚିନ୍ତନ, ସାଂସ୍କୃତିକ ପରମ୍ପରା ବେଶ୍ ମନୋଜ୍ଞ ଓ ଆକର୍ଷଣୀୟ।

**ପ୍ରମୁଖ ଶବ୍ଦାବଳୀ :** ଅଶ୍ୱକ୍ଷେତ୍ର, ତୁଳସୀକ୍ଷେତ୍ର, ମାଦଳାପାଞ୍ଜି, ବ୍ରହ୍ମ, ମଣୋହି, ବିଗ୍ରହ, ମହାଅଣସର, ସଙ୍ଖୁଡ଼ି, କଳାପାହାଡ଼।

ଜାତୀୟ ଇତିହାସ, ଜାତୀୟ ଜୀବନର ଗୋଟିଏ ପ୍ରଧାନ ଉପାଦାନ। ଏହା ଆମ୍ଭମାନଙ୍କ ହୃଦୟରେ ଜାତୀୟ ଗୌରବର ସ୍ମୃତି ସର୍ବଦା ଜାଗ୍ରତ ରଖି ଜୀବନ ଗଠନରେ ବିଶେଷ ରୂପେ ସହାୟତା କରେ। କୁଜଙ୍ଗର ପ୍ରାଚୀନ ନାମ "ଅଶ୍ୱତ୍ଥ କ୍ଷେତ୍ର"। ଏହାର ପାଶ୍ୱବର୍ତ୍ତୀ ପୀଠ କେନ୍ଦ୍ରାପଡ଼ାର "ତୁଳସୀ କ୍ଷେତ୍ର"। ଏହି ଦୁଇ ପୀଠ ଆଗକାଳରେ ହିନ୍ଦୁମାନଙ୍କର ପୁଣ୍ୟକ୍ଷେତ୍ର ବୋଲି ପରିଗଣିତ ହୋଇଥିଲା। ପୁଣ୍ୟତୋୟା ମହାନଦୀ ଏହି ଦୁଇ କ୍ଷେତ୍ରର ମଧ୍ୟରେ ବିଭିନ୍ନ ଶାଖା ପ୍ରଶାଖା ନେଇ ପ୍ରବାହିତ ହୋଇ ମହୋଦଧିରେ ମିଳିତ ହୋଇଛି। (ବଙ୍ଗୋପସାଗରର ପୁରାତନ ନାମ କଳିଙ୍ଗ ସାଗର ବା ମହୋଦଧି ଥିଲା)

ଓଡ଼ିଶା ଇତିହାସର ଏକ ଜଟିଳ ପ୍ରସଙ୍ଗ ଏଠାରେ ଆଲୋଚିତ ହେଉଛି। ସେତେବେଳେ ଓଡ଼ିଶା ସିଂହାସନ ଗଙ୍ଗ ବଂଶୀୟ ମହାରାଜା ମୁକୁନ୍ଦ ଦେବଙ୍କ ଦ୍ୱାରା ଅଳଂକୃତ ହୋଇଥିଲା। ତାଙ୍କ ରାଜତ୍ୱ ସମୟରେ ବଙ୍ଗର ନବାବ କରରାଣୀ ବଂଶୀୟ ସୁଲତାନ ସୁଲେମାନଙ୍କ ସେନାପତି,କଳାପାହାଡ଼ ଖ୍ରୀ:୧୫୬୮ରେ ଓଡ଼ିଶା ଆକ୍ରମଣ କରିଥିଲା। ସେ ହିନ୍ଦୁ ବ୍ରାହ୍ମଣ ଥିଲା। ମୁସଲମାନ ଝିଅକୁ ବାହାହୋଇ ଜାତି ହରାଇବା ପରେ ଓଡ଼ିଶାର ମୁକ୍ତିମଣ୍ଡପ ପଣ୍ଡିତ ଓ ଅନ୍ୟାନ୍ୟ ହିନ୍ଦୁନେତାଙ୍କ ପାଖରେ ପୁଣି ଜାତି ହେବା ପାଇଁ ଗୁହାରି କରି କିଛି ଫଳ ନ ପାଇବାରୁ, ହିନ୍ଦୁ ଧର୍ମ ଉପରେ ପ୍ରତିଶୋଧ ନେବାପାଇଁ, ହିନ୍ଦୁ ଦେବମୂର୍ତ୍ତିର ସାକ୍ଷାତ କାଳ ସ୍ୱରୂପ କଳାପାହାଡ଼ ଓଡ଼ିଶା ଆକ୍ରମଣ କରୁଥିଲା। ରାଜା ମୁକୁନ୍ଦ ଦେବ ବୀରତ୍ୱ ପ୍ରଦର୍ଶନ କରି ଯୁଦ୍ଧରେ ବହୁସ୍ଥାନରେ ଜୟକରିଥିଲେ ବି ଗୋହିରାଟିକିରି ଯୁଦ୍ଧରେ ଏକ ଭୟଙ୍କର ସଂଗ୍ରାମର ସମ୍ମୁଖୀନ ହୋଇଥିଲେ। ଗୋହିରାଟିକିରି ଯାଜପୁର ନିକଟର ଧାମନଗର ଥାନା ଅନ୍ତର୍ଗତ ଗେଙ୍ଗୁଟି ନଇ କୂଳର ଏକ ଗ୍ରାମ। ଏହି ଗ୍ରାମ ପାଖରେ ମୁକୁନ୍ଦ ହରିଚନ୍ଦନଙ୍କ ସହିତ ବଙ୍ଗଳା ନବାବଙ୍କ ସୈନ୍ୟ ମଧ୍ୟରେ ଯୁଦ୍ଧ ଘଟିଥିଲା ଏବଂ ଏହି ଯୁଦ୍ଧରେ ମୁକୁନ୍ଦଦେବଙ୍କ ପରାଜୟ ଓ ମୃତ୍ୟୁ ହେବା ସଙ୍ଗେ ସଙ୍ଗେ ଓଡ଼ିଶା ତାହାର ସ୍ୱାଧୀନତା ହରାଇ ମୁସଲମାନ ରାଜ୍ୟଭୁକ୍ତ ହୋଇଥିଲା। ଐତିହାସିକଙ୍କ ମତରେ ସମଗ୍ର ମୁସଲମାନ ଶାସନ କାଳରେ ଭାରତରେ ଯେତେ କ୍ଷତି ହୋଇ ନଥିଲା, କେବଳ ଧର୍ମାନ୍ଧ ଔରଙ୍ଗଜେବ ଓ ଧର୍ମହୀନ କଳାପାହାଡ଼ ଅତ୍ୟାଚାରରେ ତାହାର ଶତଗୁଣ କ୍ଷତି ହୋଇଥିଲା।

କଳାପାହାଡ଼ ଦେବମୂର୍ତ୍ତି ସକଳ ଧ୍ୱଂସ କରିକରି ଶ୍ରୀକ୍ଷେତ୍ରରେ ପହଞ୍ଚିବା ପୂର୍ବରୁ ଶ୍ରୀଶ୍ରୀଜଗନ୍ନାଥ ଦେବଙ୍କ ସେବକମାନେ ଦେବମୂର୍ତ୍ତି

ସବୁକୁ ଚିଲିକା ମଧ୍ୟସ୍ଥ ପାରିକୁଦ ମଧ୍ୟରେ ପାତାଳି କରିଦେଇଥିଲେ। କଳାପାହାଡ଼ ପୁରୀରେ ଶ୍ରୀମନ୍ଦିର ଖାଲି ଦେଖି ଗୁପ୍ତଚରମାନଙ୍କ ସଂଧାନରେ ଦେବମୂର୍ତ୍ତି ସଂପର୍କରେ ସବୁ ତଥ୍ୟ ସଂଗ୍ରହ କରି ନେଇଥିଲେ। ପାରିକୁଦରୁ ଭୁଗର୍ଭରୁ ଦେବମୂର୍ତ୍ତି ସବୁ ଉତ୍ତୋଳନ କରି ହସ୍ତିପୃଷ୍ଠରେ ସ୍ଥାପନ ପୂର୍ବକ ବଙ୍ଗଳାର ଭାଗୀରଥୀ ତୀରରେ ଚିତାରେ ଦଗ୍ଧ କରିବାକୁ ଆଦେଶ କଲେ।

ଓଡ଼ିଶା ଇତିହାସର ଅନ୍ୟ ଏକ ବିଶିଷ୍ଟ ଘଟଣା କୁଜଙ୍ଗରେ କିଛିଦିନ ପାଇଁ ମହାପ୍ରଭୁଙ୍କ ବ୍ରହ୍ମଙ୍କର ଅବସ୍ଥାନ। ସେ ସବୁ ଘଟିଯାଏ କେବଳ ଇଚ୍ଛାମୟଙ୍କ ନିଜ ଇଚ୍ଛାରେ। କଳାପାହାଡ଼ ଶ୍ରୀକ୍ଷେତ୍ରର ତିନି ମୂର୍ତ୍ତିଙ୍କୁ ନେଇ ଗଙ୍ଗା କୂଳରେ ଦହନ କରିବା ବିଷୟରେ ଇତିହାସରେ ନାନା ବିବରଣୀ ମିଳେ। ଐତିହାସିକ ଆବୁଲଫାଜଲ କଳାପାହାଡ଼ ଦ୍ୱାରା ଜଗନ୍ନାଥ ମହାପ୍ରଭୁଙ୍କ ବିଗ୍ରହ ପୋଡ଼ା ହୋଇଥିବା ଘଟଣା ଉଲ୍ଲେଖ କରିଛନ୍ତି। -"Kalapahara,the general of Sulayman Karani on his conquest of the country flung the image in to the fire and brunt it and afterwards cast it into the sea ( Ain-i-Akabari part-II page-128)

ଏ ସଂପର୍କରେ ଶ୍ରୀ ବିପିନବିହାରୀ ସେନ୍ଙ୍କ ମତରେ 'ଏହି ଦଗ୍ଧ ସମୟରେ ବିଶରମହାନ୍ତି ନାମକ ଜଣେ ପରମ ଭକ୍ତ ଛଦ୍ମବେଶ ଧାରଣ କରି ଅସୀମ ସାହସ ସହକାରେ ଦେବମୂର୍ତ୍ତି ସମୁହର ଅନୁସରଣ କରି ଥିଲେ। ଦେବ ବିଗ୍ରହ ସବୁ ଭସ୍ମୀଭୂତ ହେବା ପୂର୍ବରୁ କଳାପାହାଡ଼ କଠିନରୋଗାକ୍୍ରାନ୍ତ ହେବାରୁ ତାହାର ଅନୁଚର ବର୍ଗ ସେହି ଅର୍ଦ୍ଧଦଗ୍ଧ ମୂର୍ତ୍ତି ସବୁ ଭାଗୀରଥୀ ଗର୍ଭରେ ନିକ୍ଷେପ କରି ପ୍ରସ୍ଥାନ କଲେ। ଅନନ୍ତର ଯେତେବେଳେ ତାହା ଭାଗୀରଥୀ ସ୍ରୋତରେ ଭାସି ଯାଉଥିଲା, ସେତେବେଳେ ଭକ୍ତ ବିଶର ମହାନ୍ତି କୌଣସି ନିର୍ଜ୍ଜନ ସ୍ଥାନରେ ତଦବସ୍ଥ ଶ୍ରୀମୂର୍ତ୍ତି ଉଦ୍ଧାର କରି ତହିଁରୁ "ବ୍ରହ୍ମମଣି" ସଂଗ୍ରହ ପୂର୍ବକ ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ କଲେ ଏବଂ ମୁସଲମାନଙ୍କ କ୍ଷମତାର ସଂପୂର୍ଣ୍ଣ ବହିର୍ଭୁତ ଦୁର୍ଦ୍ଧଷ କୁଜଙ୍ଗାଧିପତିଙ୍କୁ ତାହା ପ୍ରଦାନ କଲେ। ସେ ଉପଯୁକ୍ତ ଲକ୍ଷଣ ଥିବା ନିମ୍ବ ବୃକ୍ଷରୁ ପୂର୍ବବର୍ତ୍ତୀ ⁄ଜଗନ୍ନାଥ ଦେବଙ୍କ ମୂର୍ତ୍ତିର ଅନୁରୂପ ମୂର୍ତ୍ତି ନିର୍ମାଣ କରାଇ ତନ୍ମଧ୍ୟରେ ଉକ୍ତ ବ୍ରହ୍ମମଣି ସ୍ଥାପନ ପୂର୍ବକ କୁଜଙ୍ଗ ବିହାରୀ(ବର୍ତ୍ତମାନ କୁଞ୍ଜବିହାରୀ) ନାମ ଦେଇ ଜଗନ୍ନାଥ ଦେବଙ୍କର ପୂଜା ପ୍ରତିଷ୍ଠା କଲେ। ମାଦଳାପାଞ୍ଜି ମତରେ ଏହି ଘଟନାର ସମୟ ୧୫୭୦ ଖ୍ରୀଷ୍ଟାବ୍ଦ ଅଟେ। ଏହି ସମୟରୁ କୁଜଙ୍ଗ ତୀର୍ଥରୂପେ ପରିଣତ ହେଲା। ଅନନ୍ତର ୧୫୮୮ ଖ୍ରୀଷ୍ଟାବ୍ଦରେ ରାଜା ରାମଚନ୍ଦ୍ର ଦେବଙ୍କ ସମୟରେ ଉକ୍ତ ମଣି ମହା ସମାରୋହରେ କୁଜଙ୍ଗରୁ ପୁରୀକୁ ନୀତ ହୋଇ ନବକଳେବରରେ ଶ୍ରୀ ମନ୍ଦିରରେ ପୁନଃପ୍ରତିଷ୍ଠିତ ହେଲା।"

ଏ ସଂପର୍କରେ ମାଦଳା ପାଞ୍ଜିରେ ଅଛି- "ସେ ଦିନୁ କଟକେ ରାଜାକେହି ରହି ନ ପାରିଲେ। ମୁଗଲେ ପୀଡା କରି ମାଡ଼ି ରହିଲେ। ପରୀକ୍ଷା ଦିବ୍ୟସିଂହ ପଟ୍ଟନାୟକ ଠାକୁରଙ୍କୁ ଘେନିଗଲେ। ଏ ଗୋଳରେ ପରମେଶ୍ୱରଙ୍କୁ ଛପଲିହାଥୀ ପଡ଼ାରେ ପାତାଳି କରିଥିଲେ। ତହିଁକି ବୋଲି କଳାପାହାଡ଼ ଯାଇ ଠାବ କଲା,ମୁହାଣ ପାରିହୋଇ ଗଲା। ଭେଉଁଆ କଢ଼ାଇ ଅଷ୍ଟାକ ପାଣିରେ ନେଲା। ସେଠାରୁ ପରମେଶ୍ୱରକୁ ହାଥୀରେ ପକାଇ ଆଣିଲା। ବାନକୋଟି ଭଣ୍ଡାର ସେଠାରେ ଜୂରକଲା। ବଡ଼ଦେଉଳ ଅଏଁଳା ସରିଯାଏ ଭଙ୍ଗାଇଲା। ଯେତେ ଦେବତାମାନେ ପିତୁଳାମାନ ସବୁଙ୍କୁ ହିଁ ଖୁଣ କଲା। କଳପବଟ ଖୋଳାଇ ପକାଇଲା। ଘୋଡ଼ା ନଣ୍ଡି ପୁରୋଇ ନିଆ ଲଗାଇଲା। ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଗଙ୍ଗାକୂଳ ତଣ୍ଡାଯାଏ ନେଲା। କାଠ କୁଢ଼ାଇ ଅଗ୍ନୀରେ ପୁରୋଇ ଜାଳିଦେଲା। ତେଣେ ପଠାଣର ଦେହ ଖଣ୍ଡ ଖଣ୍ଡ ହୋଇ ଫାଟିଲା-- କାଜି କହିଲା ଓଡ଼ିଶାର ଦେବତା ଜଳାଇ ଦେଲୁ, ତେଣୁକରି ତୋହର ଦେହ ଫାଟିଲା। ଏହା ଶୁଣି ତାହାର ପୁଅ ପରମେଶ୍ୱରଙ୍କୁ ଗଙ୍ଗାରେ ମେଲିଦେଲା। ସେ ଦାରୁ ଭାସି ଆସନ୍ତେ ଅମୁରା ଗୋଟିଏ ଜାଳିକାଠ ବୋଲି ଧରି ନେଇ ତାହା ବାରିରେ ପକାଇଲା। ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ନେବାବେଳେ ବିଶରମହାନ୍ତି ଯାଇଥିଲା। ବୈଷ୍ଣବ ହୋଇ ସାଙ୍ଗେ ସାଙ୍ଗେ ଗୋଡାଇଥିଲା ଆଠମାସ ରହି ବାଦ୍ୟପଣ କରି ଦାରୁ ମାଗିଲା। ବ୍ରହ୍ମଖୋଳ କରି ମୃଦଙ୍ଗେ ପୁରାଇ ଘେନି ଅଇଲା। କୁଜଙ୍ଗ ଗଡ଼ରେ ଆଣି ପ୍ରବେଶ କଲା। ଖଣ୍ଡାଇତ ଓଳିଆ ଉପର ଦୁଇ ଠାକୁର ରହିଲେ।"(ମାଦଳାପାଞ୍ଜି ପ୍ରାଚୀ ସଂସ୍କରଣ ପୃ ୨୨୦ ସଂପାଦନା ଡଃ ଆର୍ତ୍ତବଲ୍ଲଭ ମହାନ୍ତି -ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ)

ଶ୍ରୀ ଜଗନ୍ନାଥ ମହାପ୍ରଭୁ କେବେ ପୁରୀଧାମକୁ ଫେରିଲେ ସେ ବିଷୟରେ ମାଦଳାପାଞ୍ଜିର ବିବରଣୀ ଏହିପରି-ଭୋଇବଂଶର ରାଜା ରାମଚନ୍ଦ୍ର ଦେବଙ୍କ ସମୟର ବିବରଣୀ " ଯଦୁବଂଶ ରାଜାଏ ଏଣେ ଉଦିତ ହୋଇଲେ। X X X X X ଅ୯ଙ୍କେ ରାଜା କୁଜଙ୍ଗ ଗଡ଼ରୁ ବ୍ରହ୍ମ ଅଣାଇଲେ। ଅ୧୧ଙ୍କେ କକଡ଼ା ଦି୧୮ନ ଶ୍ରାବଣ ଶୁକ୍ଳ ନବମୀ ଦିନ ଶ୍ରୀପୁରୁଷୋତ୍ତମ ବଡ଼ ଦେଉଳେ ରତ୍ନ ସିଂହାସନେ ବିଜେ କରାଇଲେ। ବ୍ରହ୍ମ ଆଣିଲା ବିଶର ମହାନ୍ତି ପୋର ନାଏକ କଲେ। ଦାରୁବ୍ରହ୍ମ ଘେନି ଅଇଲା ଏ ତାଟି ଭିତରେ ପଶିବ ବୋଲି ଶାଢ଼ୀ ଦେଲେ। ପରମେଶ୍ୱର ମା୪ସ ଯାଏ ନିଃସଙ୍ଖୁଡ଼ି ମଣୋହି କରୁଥିଲେ। ଭୟରେ ରାଜା ସଙ୍ଖୁଡ଼ି ନ କରାଇଲେ। ବ୍ରାହ୍ମଣ ସାଆନ୍ତ ଭଟ୍ଟମିଶ୍ର ମାନଙ୍କୁ ସ୍ୱଦେଶୀ ପ୍ରଦେଶୀ ପଣ୍ଡିତମାନଙ୍କୁ ଘେନି ବିଚାରି ବିଚାରି ପରମେଶ୍ୱରଙ୍କ ଗହଣେ ଉପସ୍ଥିତ ହୋଇଲା ସେ ସେବକମାନଙ୍କୁ ଘେନି ସଂଖୁଡ଼ି ଭୋଗ ମଣୋହି କରୁଥିଲେ।" (ମାଦଳାପାଞ୍ଜି,ପ୍ରାଚୀ ସଂସ୍କରଣ ପୃ୬୨-୬୩ ସଂପାଦନା ସ୍ୱର୍ଗତ ଆର୍ତ୍ତବଲ୍ଲଭ ମହାନ୍ତି।)

ଏ ସଂପର୍କରେ ଚକଡ଼ା ପୋଥିର ବିବରଣୀ ପରବର୍ତ୍ତୀ କାଳର ହେଲେବି ଏଠାରେ ଉଲ୍ଲେଖଯୋଗ୍ୟ।- "ସେହି ଖୋରଧା ଗଡ଼ ଶୁଭ ଦେଲାଦିନ ବୀର ରାମଚନ୍ଦ୍ରପୁର ବୋଲି ଏକ ଶାସନ କରିବେ ବୋଲି ରାଜସଭାରେ ପଚାରିଲେ ଶ୍ରୀପୁରୁଷୋତ୍ତମ ଦେଉଳରେ କେଉଁ ଦେବତା ବସାଇବାର ପ୍ରଶ୍ନ କଲେ। ମାତ୍ର କେହି କିଛି ଉତ୍ତର ନଦେଇ ବିସ୍ମିତ

ହୋଇ ରହିଲେ। ରାତ୍ରୀରେ ରାଜାଙ୍କୁ ସ୍ୱପ୍ନରେ ଆଜ୍ଞାହେଲା ଯେ ଆମ୍ଭେ କୁଜଙ୍ଗ ଠାରେ ବିଜେ କରି ରହିଅଛୁ ସେ ଶାଳଖାକୁ ନୂଆ କରି ଦାରୁବ୍ରହ୍ମ ମୂର୍ତ୍ତି କରିବୁ। ଭିତର ପୋଟଳରେ ଆମ୍ଭଙ୍କୁ ବିଜେ କରାଇବୁ। ମହା ଅଣସରରେ ବାଲି ନୃସିଂହ ଠାରୁ ଆମ୍ଭଙ୍କୁ ବିଜେ କରାଇ ନେଇ ଦେଉଳ ଭିତରେ ରତ୍ନ ସିଂହାସନେ ବିଜେ କରାଇବୁ।

ତହି ଆରଦିନ ରାଜା ଶୁଦ୍ଧିମନ୍ତ ଓ ମାର୍ଜ୍ଜିତ ହୋଇ ସମସ୍ତ ଭଟ୍ଟମିଶ୍ର ସାମନ୍ତ ଡକାଇ,ଘଡ଼ତଳ,ମାଲକୋଠୀ, ହୃଦାୟତ, ରାଉତଙ୍କୁ ଡକାଇଲେ। ମହାସଭା କରି ରାଜା ସ୍ୱପ୍ନ ବୃତ୍ତାନ୍ତ ସବୁ କହିଲେ। ସମସ୍ତେ ଶୁଣି ମସ୍ତକରେ ହାତ ଦେଇ ଜଣାଇଲେ ଦେଓ ତେବେ ଦେବତା ବ୍ରାହ୍ମଣଙ୍କ ଉଦୟ ହେବେ। ଏହା କହିବାରୁ ରାଜା ବଡ଼ ପଦ୍ମନାଭ ପଟ୍ଟନାୟକଙ୍କୁ ଆଜ୍ଞା ଦେଲେ,ସେ ଯାଇଁ କୁଜଙ୍ଗରୁ ମହାପ୍ରଭୁଙ୍କୁ ଆଣିଲେ। ମହାରାଜା ସ୍କନ୍ଦ ପୁରାଣ ବିଧିରେ ଚଉରାଶି ଯବରେ ଦାରୁ ଶ୍ରୀମୂର୍ତ୍ତି କରି ଭିତର ପୋଟଳରେ ଶାଳଖା ବିଜେ କରାଇ ଶ୍ରୀମୂର୍ତ୍ତି କଲେ। ଏହି ରାଜାଙ୍କ ୮(ଆଠ) ଅଙ୍କ ମିଥୁନ ୧୮ ଦିନେ ଆଷାଢ଼ ଶୁକ୍ଳ ଦଶମୀ ଗୁରୁବାରେ ରଥ ନ ହୋଇ ଚଉଦୋଳରେ ବିଜେ କରାଇ ଅଶ୍ୱମେଧି ଦାଣ୍ଡରେ ବିଜେ କରାଇ ରତ୍ନ ସିଂହାସନେ ବିଜେ କଲେ। ସେଠାରେ ପୁଣି ରାଜା ତିନି ଶାସନ ବସାଇବୁ ବୋଲି ସଂକଳ୍ପ କଲେ।(ଚକଡ଼ା ପୋଥି ବା ଚୟନୀ ଚକଡ଼ା ପୃ ୬,୭,)

ଉଭୟ ବର୍ଣ୍ଣନାର ସାରମର୍ମ୍ମ ସମାନ ହେଲେ ମଧ୍ୟ କେତେକ ଅସାମଞ୍ଜସ୍ୟ ଲକ୍ଷ୍ୟ ହୁଏ। ଏ ବିଷୟରେ ଐତିହାସିକ ଶ୍ରୀ କେଦାରନାଥ ମହାପାତ୍ର ମତପ୍ରଦାନ କରନ୍ତି "ମାଦଳା ପାଞ୍ଜିରେ କୁଜଙ୍ଗରୁ ବ୍ରହ୍ମ ଆଣିବା ଲୋକର ନାମ ବିଶର ମହାନ୍ତି। ଚକଡ଼ା ପୋଥିରେ ବଡ଼ ପଦ୍ମନାଭ ପଟ୍ଟନାୟକ ବୋଲି ଲେଖା ଯାଇଛି। ବ୍ରହ୍ମ ଆଣିବା ସମୟରେ ମଧ୍ୟ ପାର୍ଥକ୍ୟ ଲକ୍ଷିତ ହୁଏ। ଚକଡ଼ା ପୋଥି ଅନୁସାରେ ଆଠ ଅଙ୍କରେ ମୂର୍ତ୍ତି ପ୍ରତିଷ୍ଠିତ ହୋଇଥିଲେ। କିନ୍ତୁ ପାଞ୍ଜିକହେ ଯେ ନଅ ଅଙ୍କରେ ବ୍ରହ୍ମ ଅଣାଯାଇ ୧୧ ଅଙ୍କରେ ପୁନଃ ସ୍ଥାପିତ ହେଲେ। ଚକଡ଼ାର ଦୁଇଟି ନୂତନ ତଥ୍ୟ ହେଉଛି ଯେ ସ୍କନ୍ଧ ପୁରାଣ ବିଧିରେ ଚଉରାଶି ଯବରେ ଶ୍ରୀ ମୂର୍ତ୍ତି ନିର୍ମିତ ହୋଇଥିଲା ଏବଂ ଏହି ପ୍ରସିଦ୍ଧ ଘଟଣାକୁ ସ୍ମରଣୀୟ କରିବା ପାଇଁ ରାମଚନ୍ଦ୍ର ଦେବ ତିନୋଟି ବ୍ରାହ୍ମଣ ଶାସନ ପ୍ରତିଷ୍ଠା କରିଥିଲେ। ପାଞ୍ଜି ଅନୁସାରେ ଶ୍ରୀ ବିଗ୍ରହମାନ ପ୍ରଥମେ ଖୋରଧା କଟକରେ ନିର୍ମିତ ହୋଇ ପରେ ପୁଣି ଶ୍ରୀମନ୍ଦିରରେ ପୁନଃ ସ୍ଥାପିତ ହୋଇଥିଲେ।

ଉଭୟ ପ୍ରଦତ୍ତ ରାଜାଙ୍କ ଅଙ୍କ ଜ୍ୟୋତିଷ ଗଣନା ଅନୁସାରେ ଅସିଦ୍ଧ ହୋଇଥିବାରୁ ମାସ ତିଥି ବାର ପ୍ରଭୃତିକୁ ବିଚାର କରି ଏହି ପ୍ରସିଦ୍ଧ ଘଟଣାର କାଳ ନରୁପଣ କରାଯାଇଛି। ଚକଡ଼ାରେ ଲେଖାଥିବା ମିଥୁନ ୧୮ ଦିନ ଆଷାଢ଼ ଶୁକ୍ଳ ଦଶମୀ ଗୁରୁବାର ୧୬-୬-୧୫୭୫ ତାରିଖରେ ଓ ପାଞ୍ଜି ପ୍ରଦତ୍ତ ଚକଡ଼ା କକଡ଼ା ୧୮ ଦିନ ଶ୍ରାବଣ ଶୁକ୍ଳ ଦଶମୀ ୧୭-୭-୧୫୭୫ ତାରିଖରେ ରାମଚନ୍ଦ୍ର ଦେବଙ୍କ ୧୦ ଅଙ୍କରେ ପଡୁଥିଲା। ଏ ଉଭୟ ଦୃଷ୍ଟିରୁ ପାଞ୍ଜିର ତାରିଖ ସମସାମୟିକ ଇତିହାସ ଦୃଷ୍ଟିରୁ ଗ୍ରହଣୀୟ"("ଖୁରୁଧା ଇତିହାସ" ଲେଖକ-ଶ୍ରୀ କେଦାରନାଥ ମହାପାତ୍ର ପୃ-୧୩,୧୪) ଏହି ବିଷୟରେ ଅନ୍ୟତ୍ର ଲେଖା ଯାଇଛି "ଗଜପତି ରାମଚନ୍ଦ୍ରଦେବ(୧ମ--ତୋଡ଼ରମଲ୍ଲ ରାମଚନ୍ଦ୍ରଙ୍କ ୪ର୍ଥ ଅଙ୍କ ୧୫୭୧ ଖ୍ରୀ:ଅ(ମାଦଳା ପାଞ୍ଜି ଓ ଇତିହାସ ଅନୁସାରେ୧୫୭୫ )ରେ ଆସି ଏପରି ସୁବ୍ୟବସ୍ଥା ଏବଂ ଅଧିକାର ଦେବାରୁ ରାମଚନ୍ଦ୍ର ଦେବ ରାଜଗୁରୁଙ୍କ ମନ୍ତ୍ରଣାରେ ମନ୍ଦିର ପରୀକ୍ଷାମାନଙ୍କୁ ଘେନି ତାଙ୍କ ନଅ ଅଙ୍କରେ ବା ରାଜତ୍ୱର ସପ୍ତମ ବର୍ଷରେ ଖ୍ରୀ ୧୫୭୫ ବର୍ଷରେ କୁଜଙ୍ଗ ଗଡ଼ରୁ ବ୍ରହ୍ମ ଅଣାଇଲେ କୁଜଙ୍ଗ ରାଜା ଅନନ୍ତ ନରେନ୍ଦ୍ର ସାମନ୍ତ,ବିଶର ମହାନ୍ତିଙ୍କୁ ନେଇ ଗୁହାଳ ଭାଡ଼ିରେ ତାହା ଲୁଚାଇଥିଲେ।'(ତାଳଚେର ଇତିହାସ ପୃ.୨୮-୨୯ଲେଖକ-ଘନଶ୍ୟାମ କବିଭୂଷଣ)

ସେ କଥା ତାଙ୍କ ମୃତ୍ୟୁ ପରେ ଜଣେ ମାତ୍ର ଜାଣିଥିଲେ,ତାଙ୍କ ଖଣ୍ଡାୟତ ହାତୀ ବାହୁବଳୀନ୍ଦ୍ର। ରାଜାଙ୍କ ପ୍ରତିନିଧି ଭାବେ ବର୍ଦ୍ଧନ ରାଜଗୁରୁ ସୁନାବେତ ଧରି ବିଶର ମହାନ୍ତି ସଙ୍ଗରେ ଏକ ମହାପଟୁଆରରେ କୁଜଙ୍ଗ ପହଞ୍ଚିଲେ। ବାହୁ ବଳୀନ୍ଦ୍ର ସେ କଥା କହିବା ମାତ୍ରେ ମରି ଶୋଇଲେ। ଯେ ଏ କଥା ପ୍ରଘଟ କରିବ ତା ଛାତି ଫାଟିଯିବ ବୋଲି କୁଜଙ୍ଗ ନରେନ୍ଦ୍ର ନିୟମ କରାଇଥିଲେ। ଲୋକେ କହନ୍ତି ତାହା ଫଳିଲା।

ଖୋରଧା କଟକରେ ବନଯାଗ ବିଧି ହୋଇ ୧୧ ଅଙ୍କ କକଡ଼ା ୧୮ ଦିନ ଶ୍ରାବଣ ଶୁକ୍ଳ ନବମୀ ଦିନ(୧୫୭୭ ଖ୍ରୀ:) ରତ୍ନ ସିଂହାସନରେ ନବନିର୍ମିତ ଠାକୁର ବିଜେକଲେ ବିଶର ମହାନ୍ତି ବ୍ରହ୍ମ ମୁଣ୍ଡାଇ ଧରି ଆସିଲେ। ତାଙ୍କରି ଯୋଗୁ ଦେବାଧିଦେବଙ୍କୁ ଉତ୍କଳ ଫେରିପାଇଥିବାରୁ ତାଙ୍କୁ ପୋର ନାୟକ କରାଗଲା(ପୋର ନାୟକ ବୋଧହୁଏ ପୌର ନାୟକ,ପ୍ରଥମ ନାଗରିକ)ସେ ଅଣସର ବେଳେ ତାଟିଭିତରେ ପଶିବାକୁ ଶାଢ଼ୀ ଦିଆଗଲା" (ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ ପୃ-୬୧ ଲେଖକ ଶ୍ରୀ ଚକ୍ରଧର ମହାପାତ୍ର,ପ୍ରଥମ ସଂସ୍କରଣ)

କାଳଗତ ବିଭ୍ରାଟ ଯାହା ହେଉ, ବଣ-ଜଙ୍ଗଲ ପାହାଡ଼ ମଧ୍ୟ ଦେଇ ନିଆଯାଇଥିବା ପ୍ରଭୁ ଜଗନ୍ନାଥ,ବଳଭଦ୍ର ଓ ମା ସୁଭଦ୍ରାଙ୍କ ମୂର୍ତ୍ତିକୁ ପୋଡ଼ିବା ପରେ ପରେ ମୂର୍ତ୍ତି ମଧ୍ୟରେ ଥିବା ନାଭିକମଳ ବା ବ୍ରହ୍ମକୁ ବିଶର ମହାନ୍ତି ଆଣିଥିଲେ। ଜଗନ୍ନାଥଙ୍କ ଦାରୁବ୍ରହ୍ମ ଗୁହାଳରେ ନଥିଲା କିମ୍ବା ଖଣ୍ଡାୟତର ଓଳିଆ ଉପରେ ନ ଥିଲା। ବ୍ରହ୍ମ ମଧ୍ୟ ଯଥେଷ୍ଟ ସମ୍ମାନ ସହିତ କୁଜଙ୍ଗ ଗଡ଼ରେ ପୂଜା ପାଉଥଲେ। କୁଜଙ୍ଗ ଗଡ଼ର ଆଦି ଦେବତା ଥିଲେ ମହାବୀର ହନୁମାନ। ହନୁମାନ ସାଗର ତଟର ଝାଡ଼ ଜଙ୍ଗଲ ମଧ୍ୟରେ ରହିଥିଲେ। କୁଜଙ୍ଗ ରଜା ତାଙ୍କ ସେବା ପୂଜାପାଇଁ ବ୍ୟବସ୍ଥା କରିଥିଲେ। ବର୍ତ୍ତମାନର କୁଜଙ୍ଗ ଠାରୁ ଗଡ଼ କୁଜଙ୍ଗର ଦୂରତା ୧୫/୧୬ କିଲୋମିଟର ଦକ୍ଷିଣକୁ। ସେଠାରେ ମହାବୀରଙ୍କର ପୀଠ ସମୁଦ୍ରର ଉତ୍ତର ଓ ଏକ ନଦୀର ଦକ୍ଷିଣରେ ଅବସ୍ଥିତ। ବର୍ତ୍ତମାନ ଯାହାକୁ କୁଜଙ୍ଗ କୁହାଯାଉଛି ତାହାର ଅସଲ ନାମ ଅନନ୍ତପୁର ଏବେ ମଧ୍ୟ ପୁରୁଖା ଲୋକମାନେ ଓ ବିଭିନ୍ନ ସରକାରୀ ରେକର୍ଡ଼ ପତ୍ରରେ ଏହାର ନାମ ଅନନ୍ତପୁର ଅଛି। ଏହି

ଅନନ୍ତପୁରର ଦୁଇ ପାଖରେ ବଳରାମପୁର ଓ ଜଗନ୍ନାଥ ପୁର ନାମରେ ଦୁଇଟି ବଡ଼ ଗ୍ରାମ ରହିଛି।

ବିଶର ମହାନ୍ତି ଯେଉଁଠାରେ ନେଇ ମହାପ୍ରଭୁଙ୍କ ବ୍ରହ୍ମ ରଖିଥିଲେ,ସେ ସ୍ଥାନରେ ପରେ ପରେ ତିନି ଠାକୁରଙ୍କର ମୂର୍ତ୍ତି ପ୍ରତିଷ୍ଠା କରାଯାଇ ପୂଜା କରାଗଲା। ସେ ଅଞ୍ଚଳରେ କଥିତ ଅଛି ଯେ ବିଶର ମହାନ୍ତି ତିନି ଠାକୁରଙ୍କ ବ୍ରହ୍ମ ନେଲାବେଳେ ମା' ସୁଭଦ୍ରାଙ୍କ ଆଦେଶ ଥିଲା ଯେ ଦୁଇ ଭାଇଙ୍କ ବ୍ରହ୍ମନେଇ ତାଙ୍କୁ ଏ ପ୍ରାଚୀନ ଅଶ୍ୱତଥ କ୍ଷେତ୍ରରେ ତାଙ୍କୁ ଛାଡ଼ି ଯିବାକୁ ହେବ। ସେହି ଦିନ ଠାରୁ ଅଶ୍ୱତ୍ଥ କ୍ଷେତ୍ର ସୁଭଦ୍ରା କ୍ଷେତ୍ର ନାମରେ ପରିଚିତ ହେଲା। ତା ସହିତ ଜଗନ୍ନାଥ ମନ୍ଦିର ବିଧିରେ ଏଠାରେ ପୂଜା ଓ ରଥଯାତ୍ରା କରାଗଲେ ମଧ୍ୟ ରଥଯାତ୍ରାର ପରଦିନ ଏଠାରେ ରଥ ଟଣାଯାଏ କାରଣ ପୁରୀ ରଥଯାତ୍ରାର ପରଦିନ ଜଗନ୍ନାଥ ଓ ବଳରାମ ଏଠା ରଥରେ ବିଜେ କରି ଭଉଣୀଙ୍କ ସହିତ ଘୋଷ ଯାତ୍ରା କରନ୍ତି।

ଗଡ଼କୁଜଙ୍ଗ କୁଜଙ୍ଗ ରାଜ୍ୟର ପ୍ରମୁଖ ସ୍ଥାନ ଥିଲା। ଏଠାରେ ରାଜାଙ୍କର ଉଆସ, କଚେରୀ ଓ ଅନ୍ୟାନ୍ୟ ଦପ୍ତର ରହିଥିଲା। ଗଡ଼କୁଜଙ୍ଗରେ ସୁନିଆ ବେଦୀରେ ସୁନିଆଁ ଦିନ ରାଜାଙ୍କୁ ପ୍ରଜାମାନେ ଭେଟି ଦେଉଥିଲେ। ଏଠାରେ ଥିବା କୁଞ୍ଜବିହାରୀ (ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ଭବ୍ୟ ମନ୍ଦିର ଏକ ଐତିହାସିକ କୀର୍ତ୍ତି।

କୁଜଙ୍ଗ ରାଜା ବିଶର ମହାନ୍ତିଙ୍କୁ ବହୁଭାବେ ସମ୍ମାନୀତ କରିଥିଲେ। ଗଡ଼କୁଜଙ୍ଗର ମନ୍ଦିର ପରିଚାଳନାରେ ତାଙ୍କର ବିଶେଷ ଭୂମିକା ରହିଥିଲା। କେବଳ ସେତିକି ନୁହେଁ ଗଜପତିଙ୍କ ଦ୍ୱାରା ବିଶର ମହାନ୍ତି ମଧ୍ୟ ସମ୍ମାନୀତ ହୋଇଥିଲେ। ଗଜପତିଙ୍କୁ ଦୁତି ଇନ୍ଦ୍ରଦ୍ୟୁମ୍ନ(ଦ୍ୱିତୀୟ) ଉପାଧିରେ ଲୋକେ ସମ୍ବୋଧନ କଲେ।

ପୁରୁଣା ମନ୍ଦିରଟି ୧୯୪୯ ମସିହାରେ ଭାଙ୍ଗିଗଲା। ସେଠାରେ ୧୯୯୨ ମସିହାରେ ୧୦୪ ଫୁଟ ଉଚ୍ଚତା ବିଶିଷ୍ଟ ଏକ ବିରାଟ ମନ୍ଦିର ନିର୍ମାଣ କରାଯାଇଛି। ଶ୍ରୀଯୁକ୍ତ ରାଜେନ୍ଦ୍ର ବେହେରା ଏଠାରେ ମୁଖ୍ୟ ଦାୟିତ୍ୱ ନିର୍ବାହ କରୁ ଅଛନ୍ତି।

**ସଙ୍କେତ ସୂଚୀ:**

୧. ରାଉତ, ଭୋଳାନାଥ, ଜଗତସିଂହପୁରର ଅତୀତ ବର୍ତ୍ତମାନ (ସଂ)।
୨. ମହାନ୍ତି, ଆର୍ତ୍ତବଲ୍ଲଭ ମହାନ୍ତି, ମାଦଳାପାଞ୍ଜି, ଫ୍ରେଣ୍ଡସ୍ ପବ୍ଲିକେସନ, ୨୦୧୭

**CC BY-NC 4.0**
ମହାପ୍ରଭୁ ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର : ଗଡ଼ କୁଜଙ୍ଗ © 2025 by ଡ. ସରୋଜିନୀ ପାଣି is licensed under Creative Commons Attribution-NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/